# ମଧୁର ଜଳ ଚିଙ୍ଗୁଡ଼ି ଚାଷ




ବିଷୟବସ୍ତୁ
**ମାନସ ରଞ୍ଜନ ବେହେରା**
ମତ୍ସ୍ୟ ବିଶେଷଜ୍ଞ

ମୁଖ୍ୟ ସଂପାଦକ
**ଡଃ ସଞ୍ଜୟ କୁମାର ମହାନ୍ତି**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ପୁରୀ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୦୩

# ମଧୁର ଜଳ ଚିଙ୍ଗୁଡ଼ି ଚାଷ




ମୁଖ୍ୟ ସଂପାଦକ

**ଡଃ ସଞ୍ଜୟ କୁମାର ମହାନ୍ତି**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟବସ୍ତୁ

**ମାନସ ରଞ୍ଜନ ବେହେରା**

ମତ୍ସ୍ୟ ବିଶେଷଜ୍ଞ



କୃଷି ବିଜ୍ଞାନ କେନ୍ଦ୍ର, ପୁରୀ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ମଧୁର ଜଳ ଚିଙ୍ଗୁଡି ଚାଷ


ମୁଖ୍ୟ ସଂପାଦକ :

**ଡଃ ସଞ୍ଜୟ କୁମାର ମହାନ୍ତି**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ସଂପାଦନା :

**ଡଃ ସୁମିତା ଆଚାର୍ଯ୍ୟ**
ବୈଜ୍ଞାନିକ (ଗୃହ ବିଜ୍ଞାନ)

ବିଷୟବସ୍ତୁ :

**ମାନସ ରଞ୍ଜନ ବେହେରା**
ମତ୍ସ୍ୟ ବିଶେଷଜ୍ଞ



ପ୍ରକାଶକ :

**କୃଷି ବିଜ୍ଞାନ କେନ୍ଦ୍ର, ପୁରୀ**
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ପ୍ରକାଶ କାଳ : ୨୦୧୯



Edited by :
**Dr. Sanjay Kumar Mohanty**
Senior Scientist & Head

**Dr. Sumita Acharya**
Scientist (Home Science)

Written by :
**Manas Ranjan Behera**
Subject Matter Specialist (Fishery)



Published by :
**Krishi Vigyan Kendra, Puri**
Odisha Univesity of Agriculture and Techonolgy, BBSR

Published Year : 2019

Designing & Printed by : Saikrupa Graphics, BBSR

# ମଧୁର ଜଳ ଚିଙ୍ଗୁଡି ଚାଷ

ଚିଙ୍ଗୁଡି ଏକ ସୁସ୍ୱାଦୁ ପୁଷ୍ଟିକର ଖାଦ୍ୟ । ଏହା ବିଦେଶକୁ ରପ୍ତାନୀ କରାଯାଉଥିବାରୁ ଏହାର ମୂଲ୍ୟ ଅଧିକ ଓ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହା ବିଶେଷ ଲାଭପ୍ରଦ । ନଦୀ, ନାଳ, ମୂହାଣ ତଟବର୍ତ୍ତୀ ରୁ ଅମଳ ହେଉଥିବା ଚିଙ୍ଗୁଡି ବଜାର ଚାହିଦା ମେଣ୍ଟାଇବାକୁ ସକ୍ଷମ ହୋଇପାରୁନାହିଁ । ତେଣୁ ମଧୁର ଜଳରେ ଚିଙ୍ଗୁଡି ଚାଷକରି ଆତ୍ମ ନିର୍ଭର ଶୀଳ ହେବା ଚାଷୀମାନଙ୍କ ପାଇଁ ଏକ ଆହ୍ୱାନ ଏବଂ ଏହା ମଧ ଧିରେ ଧିରେ ଚାଷୀମାନଙ୍କ ମଧରେ ବିଶେଷ ଆଦୃତ ଲାଭ କରୁଛି । ବ୍ୟବସାୟିକ ଭିତ୍ତିରେ ମଧୁର ଚିଙ୍ଗୁଡିକୁ ସ୍କାମ୍ପି (Scampi) କୁହାଯାଏ ।

ଆମ ରାଜ୍ୟରେ ମଧୁର ଜଳ ଚିଙ୍ଗୁଡି ଚାଷ କରିବା ପାଇଁ ବିଶେଷ ସୁଯୋଗ ରହିଛି । ରାଜ୍ୟର ଜଳବାୟୁ ଓ ମାଟି ମଧୁର ଜଳ ଚିଙ୍ଗୁଡି ଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ । ଆମ ରାଜ୍ୟରେ ତିନି ପ୍ରକାର ମଧୁର ଜଳ ଚିଙ୍ଗୁଡି ଚାଷ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଇଛି ।

୧. ମାକ୍ରୋବ୍ରାକିୟମ୍ ରୋଜେନ୍‌ବର୍ଗୀ ବା ଗଜା ଚିଙ୍ଗୁଡି ।

୨. ମାକ୍ରୋବ୍ରାକିୟମ୍ ମାଲ୍‌କମ୍‌ସୋନୀ ବା ଧଳା / ଜଟା ଚିଙ୍ଗୁଡି ।

୩. ମାକ୍ରୋବ୍ରାକିୟମ୍ ଗ୍ୟାଙ୍ଗେଟିକମ୍ ବା ଗଙ୍ଗାନଦୀ ଚିଙ୍ଗୁଡି ।

ଏମାନଙ୍କ ମଧରୁ ରୋଜେନ୍‌ବର୍ଗୀ ର ଶରୀର ବୃଦ୍ଧିହାର ସବୁ ଠାରୁ ଅଧିକ । ଏଣୁ ଏହାକୁ ବ୍ୟବସାୟିକ ଭିତ୍ତିରେ ଅଧିକ ଚାଷ କରାଯାଇଛି ।

ସ୍ଥାନ ନିରୂପଣ –

ଚିଙ୍ଗୁଡି ଚାଷ ପାଇଁ ସଠିକ୍ ସ୍ଥାନ ନିରୂପଣ ଗୁରୁତ୍ୱପୂର୍ଣ୍ଣ । ସାମାନ୍ୟ ଉଷ୍ଣ ଜଳବାୟୁ ସହିତ ବିଶୁଦ୍ଧ ପାଣିର ଉତ୍ସ ଥିବା ଆବଶ୍ୟକ ।

| ଜଳର ଗୁଣାଙ୍କ | ସୀମା |
|---|---|
| ଉତ୍ତାପ (°ସେ) | ୨୬-୩୨ |
| ପି. ଏଚ୍ | ୭.୦-୮.୫ |
| ସ୍ୱଚ୍ଛତା (ସେ.ମି.) | ୨୫-୩୫ |
| ଦ୍ରବୀଭୂତ ଅମ୍ଳଜାନ (ପି.ପି.ଏମ୍) | ୫.୦ ରୁ ୭.୦ |

| | |
|---|---|
| ସଂପୂର୍ଣ୍ଣ କ୍ଷାରୀୟ ଅଂଶ (ପି.ପି.ଏମ୍) | ୫୦-୧୦୦ |
| ଲୌହ ଅଂଶ (ପି.ପି.ଏମ୍) | ୦.୩ ରୁ କମ୍ |
| ହାଇଡ୍ରୋଜେନ୍ ସଲଫାଇଡ୍ (ପି.ପି.ଏମ୍) | ୦ |
| ମୁକ୍ତ ଆମୋନିଆ (ପି.ପି.ଏମ୍) | ୦.୧ ରୁ କମ୍ |

**ମାଟିର ଗୁଣ :-** ଚିଙ୍ଗୁଡି ଚାଷ ପାଇଁ ମାଟି ସଂପୂର୍ଣ୍ଣ ଦୋରସା କିମ୍ବା ବାଲିଆ ମଟାଳ ମିଶା ହେବା ଦରକାର । ଶତକଡା ୮୫ ଭାଗ ଜଳ ଧାରଣ କରି ରଖିପାରୁଥିବା ମାଟି ଚିଙ୍ଗୁଡି ଚାଷ ପାଇଁ ଉପଯୁକ୍ତ ।

**ପୋଖରୀ ପ୍ରସ୍ତୁତି :-** ଚିଙ୍ଗୁଡି ଚାଷ ପାଇଁ ୦.୧ ରୁ ୧ ହେକ୍ଟର ବିଶିଷ୍ଟ ପୋଖରୀ ହେବା ଆବଶ୍ୟକ । ପୋଖରୀ ଜଳର ଗଭୀରତା ୪ ଫୁଟ୍ ରହିବା ଉଚିତ୍ । ପୋଖରୀ ବନ୍ଧର ଗଡାଣି ୧:୨ ଅନୁପାତରେ ରହିବା ଦରକାର । ବନ୍ଧ ହୁଡାରୁ ମାଟି ଧୋଇ ନ ହେବା ପାଇଁ ହୁଡାରେ ଘାସ ଚେକା ପକାଇବା ଆବଶ୍ୟକ । ପୋଖରୀରୁ ଯେପରି ସଂପୂର୍ଣ୍ଣ ଜଳ ନିଷ୍କାସିତ ହୋଇପାରିବ, ସେଥିପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡିଥାଏ ।

ପୋଖରୀକୁ ସଂପୂର୍ଣ୍ଣ ଭାବେ ଶୁଖାଇ ଦେବା ଉଚିତ୍ । ପୁରୁଣା ପୋଖରୀରୁ ପଙ୍କ କାଢି ପୋଖରୀର ନିମ୍ନ ଅଂଶକୁ ଦୁଇ ଥର ହଳ କରାଯାଏ ଯାହା ଦ୍ୱାରା ମାଟିରେ ବାନ୍ଧି ହୋଇଥିବା ବିଷାକ୍ତ ଗ୍ୟାସ୍ ସବୁ ବାହାରିଯାଏ ଓ ମାଟିରେ ଥିବା ଜୈବିକ ପଦାର୍ଥ ଉପକାରୀ ଖଣିଜ ପଦାର୍ଥରେ ପରିଣତ ହୋଇ ମାଟିର ଉର୍ବରତା ବଢାଇଥାଏ । ଯେଉଁ ପୋଖରୀରୁ ସଂପୂର୍ଣ୍ଣ ଜଳ ନିଷ୍କାସନ ହୋଇ ନ ପାରେ ସେଥିରେ ଶିକାରୀ ମାଛ ମାରିବା ପାଇଁ ଏକର ପ୍ରତି ୧୦୦୦ କି.ଗ୍ରା. ମହୁଲ ପିଡିଆ ପାଣିରେ ବତୁରାଇ ପ୍ରୟୋଗ କରାଯାଏ । କିମ୍ବା ପ୍ରଥମେ ୟୁରିଆ ଏକର ପ୍ରତି ୪୦ କି.ଗ୍ରା. ପ୍ରୟୋଗ କରି ଏହାର ୧୮ ଘଣ୍ଟା ପରେ ୧୦୦ କି.ଗ୍ରା. ବ୍ଲିଚିଂ ପାଉଡର ପକାଯାଇ ଶିକାରୀ ମାଛ ଓ ଅନ୍ୟାନ୍ୟ ଜଳଜୀବ ମରାଯାଇପାରେ ।

**ପୋଖରୀରେ ଚୂନ ଓ ସାର ପ୍ରୟୋଗ :**

ମାଟିର ପି.ଏଚ୍. ପରୀକ୍ଷା କରି ଏକରକୁ ୧୦୦ କି.ଗ୍ରା. ପର୍ଯ୍ୟନ୍ତ ସିପଚୂନ ବ୍ୟବହାର କରାଯାଇଥାଏ । ଚୂନ ପ୍ରୟୋଗ ଦ୍ୱାରା ପୋଖରୀରେ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ଏହା ଚିଙ୍ଗୁଡିର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଚୂନରେ ଥିବା କ୍ୟାଲସିୟମ୍ ଚିଙ୍ଗୁଡି ଖୋଳପା ଗଠନରେ ସାହାଯ୍ୟ କରେ । ପୋଖରୀରେ ପାଣି ଭର୍ତ୍ତି କରିବା ବେଳେ ପାଇପ୍ ମୁହଁରେ ଏକ ସୂକ୍ଷ୍ମ ଜାଲି ବାନ୍ଧି ଦିଆଯାଇଥାଏ ।

ପୋଖରୀରେ ଉଦ୍ଭିଦ ଜାତୀୟ ଅଣୁଜୀବ କିମ୍ବା ଡାଇଆଟମ୍ ଓ ପ୍ରାଣୀଜାତୀୟ ଅଣୁଜୀବ ର ବୃଦ୍ଧି ପାଇଁ ଜୈବିକ ଓ ରାସାୟନିକ ସାର ପ୍ରୟୋଗ କରାଯାଇଥାଏ । ଜୈବିକ ସାର ଯଥା କଞ୍ଚା ଗୋବର ଏକର ପ୍ରତି ୨୦୦୦ କି.ଗ୍ରା. ପ୍ରୟୋଗ କରିବା ଦରକାର । ରାସାୟନିକ ସାର ହିସାବରେ ୟୁରିଆ ଏବଂ ସିଙ୍ଗଲ୍ ସୁପର ଫସଫେଟ୍ ପ୍ରୟୋଗ କରିବାକୁ ପଡିଥାଏ । ପୋଖରୀର ଉର୍ବରତା ଓ ପ୍ରାକୃତିକ ଖାଦ୍ୟର ସ୍ଥିତିକୁ ନେଇ ଜୈବିକ ଓ ରାସାୟନିକ ସାର ପ୍ରୟୋଗ କରିବା ଦରକାର ।

**ଚିଙ୍ଗୁଡି ଚାଷର ବିଭିନ୍ନ ପଦ୍ଧତି :**

ଚିଙ୍ଗୁଡି ଚାଷ ମୁଖ୍ୟତଃ ଦୁଇଟି ପଦ୍ଧତିରେ କରାଯାଇଥାଏ ।

**୧. ଏକକ ଚିଙ୍ଗୁଡି ଚାଷ (Monoculture):-**

ଏକକ ଚାଷ ପଦ୍ଧତିରେ ଆମେ ଉଭୟ ଅଣ୍ଡିରା ଏବଂ ମାଈ ଚିଙ୍ଗୁଡି ଚାଷ କରିପାରିବା କିମ୍ବା ଖାଲି ଅଣ୍ଡିରା ଚିଙ୍ଗୁଡି ମଧ୍ୟ ଚାଷ କରିପାରିବା । କାରଣ ଅଣ୍ଡିରା ଚିଙ୍ଗୁଡି ମାଈ ଚିଙ୍ଗୁଡି ଠାରୁ ଶୀଘ୍ର ବଢେ ଓ ଅଧିକ ବିକ୍ରିଯୋଗ୍ୟ ହୋଇପାରେ । ତେଣୁ ଖାଲି ଅଣ୍ଡିରା ଚିଙ୍ଗୁଡି ଚାଷ କଲେ ଆମେ ଅଧିକ ଅମଳ ପାଇପାରିବା । ଏକକ ଚିଙ୍ଗୁଡି ଚାଷରେ ବିଶୁଦ୍ଧ ଚିଙ୍ଗୁଡି ବଡ ଜାଆଁଳ ଏକର ପ୍ରତି ୧୨୦୦୦ ରୁ ୨୦,୦୦୦ ହିସାବରେ ଛଡାଯାଇଥାଏ । ଏହି ଚାଷ ପଦ୍ଧତିରେ ଅଧିକ ବୈଷୟିକ ଜ୍ଞାନର ଆବଶ୍ୟକତା ରହିଛି । ପୋଖରୀରେ ଯେପରି ଅମ୍ଳଜାନର ପରିମାଣ ନ କମେ ସେଥିପ୍ରତି ଯତ୍ନବାନ୍ ହେବାକୁ ପଡିଥାଏ । ଯଦି ବାହାରୁ ଅମ୍ଳଜାନ ଏବଂ ପୋଖରୀ ଜଳ ପରିବର୍ତ୍ତନ କରିବାର ସୁବିଧା ଥାଏ ତା ହେଲେ ଏକର ପ୍ରତି ୬୦,୦୦୦ ପର୍ଯ୍ୟନ୍ତ ବଡ ଜାଆଁଳ ଛଡାଯାଇପାରିବ । ଏହି ପଦ୍ଧତିରେ ଆମକୁ ଥରକୁ ଥର ଚିଙ୍ଗୁଡି ଧରି ବଡ ଚିଙ୍ଗୁଡି ବିକ୍ରି କରିବାକୁ ହୋଇଥାଏ । ଯାହା ଦ୍ୱାରା କି ଆମେ ଅଧିକ ଅମଳ ପାଇପାରିବା ।

**୨. ମିଶ୍ରିତ ଚାଷ (Polyculture) :**

ମିଶ୍ରିତ ଚାଷରେ ଚିଙ୍ଗୁଡି ସହିତ ରୋହି, ଭାକୁର, ସିଲ୍‌ଭର କାର୍ପ ଏବଂ ଗ୍ରାସ୍ କାର୍ପର ଜାଆଁଳ ଗୋଟିଏ ପୋଖରୀର ଛଡାଯାଇଥାଏ । ପୋଖରୀ ତଳ ସ୍ତରରେ ରହୁଥିବା ମାଛ ଯଥା ମିରିକାଳି, ବିଲାତି ରୋହି ଇତ୍ୟାଦି ମାଛ ଛାଡିବା ଅନୁଚିତ୍ । ଏହି ମିଶ୍ରିତ ଚାଷ ପଦ୍ଧତିରେ ଏକର ପ୍ରତି ୬୦୦୦ ରୁ ୧୦,୦୦୦ ବଡ ଚିଙ୍ଗୁଡି ଜାଆଁଳ ସହିତ ୨୦୦୦ ଗୋଟି ଜାତିଆ ମାଛ ଜାଆଁଳ ଛଡାଯାଇଥାଏ । ଏହିପରି

ଋଷରେ ଆମକୁ ଚିଙ୍ଗୁଡି ଖାଦ୍ୟ ସହିତ ମାଛ ଖାଦ୍ୟ ମଧ୍ୟ ଦେବାକୁ ପଡିଥାଏ । ଚିଙ୍ଗୁଡି ମାନଙ୍କ ଆଶ୍ରୟ ସ୍ଥଳ ପାଇଁ ପୋଖରୀ ମଧ୍ୟରେ ଭଙ୍ଗା ମାଠିଆ, ଟାଇଲ୍, ପୁରୁଣା ଟାୟାର୍, ଆଜବେଷ୍ଟସ ଖଣ୍ଡ ପ୍ଲାଷ୍ଟିକ୍ ପାଇପ୍ ଇତ୍ୟାଦି ପକାଇବାକୁ ହୁଏ । ଉପରୋକ୍ତ ପ୍ରଣାଳୀରେ ଚାଷ କରି ୭ ରୁ ୮ ମାସ ମଧ୍ୟରେ ଚିଙ୍ଗୁଡି ସହିତ ବଡ ମାଛ ଅମଳ କରାଯାଇଥାଏ ।

## ଚିଙ୍ଗୁଡିର ଜୀବନ ଚକ୍ର :-

ଏହି ଚିଙ୍ଗୁଡି ମଧୁର ଜଳ ଚିଙ୍ଗୁଡି ହୋଇଥିଲେ ମଧ୍ୟ ଏମାନଙ୍କର ଜୀବନ ଚକ୍ରର ଅର୍ଦ୍ଧେକ ଅଂଶ ଅଳ୍ପ ଲୁଣିପାଣି ଓ ଅନ୍ୟ ଅର୍ଦ୍ଧାଂଶ ମଧୁର ଜଳରେ ହୋଇଥାଏ । ମଧୁର ଜଳର ମାଆ ଚିଙ୍ଗୁଡି ନଦୀର ମୁହାଣରେ ଆସି ଅଣ୍ଡା ଦେଇଥାଏ । ଏହି ଅଣ୍ଡାଗୁଡିକରୁ ଶାବକ ଓ ଶାବକରୁ କ୍ରମ ବର୍ଦ୍ଧିଷ୍ଣୁ ଶାବକ ର ବିକାଶ ନଦୀ ମୁହାଣରେ ହୋଇଥାଏ । ଏଥିପାଇଁ ଚିଙ୍ଗୁଡିର ଜାତି ଅନୁସାରେ ପ୍ରାୟ ୨୦-୩୫ ଦିନ ସମୟ ଲାଗିଥାଏ । ଏହି କ୍ରମ ବର୍ଦ୍ଧିଷ୍ଣୁ ଶାବକର ପରବର୍ତ୍ତୀ ଅବସ୍ଥାକୁ ଜୁଭେନାଇଲ୍ (ଔଙ୍କଙ୍ଗରଭସକ୍ଷର) କୁହାଯାଏ । ଏମାନେ ସାଧାରଣତଃ ନଦୀ ସ୍ରୋତର ବୀପରିତ ଦିଗକୁ ସ୍ଥାନାନ୍ତରିତ ହୋଇଥାନ୍ତି । ଜୁଭେନାଇଲ୍ ପରବର୍ତ୍ତୀ ସମୟରେ ବଡ ଚିଙ୍ଗୁଡିରେ ପରିଣତ ହୋଇଥାଏ ।

## ଚିଙ୍ଗୁଡି ଜାଆଁଳ ସଂଗ୍ରହ :-

ପୋଖରୀରେ ସଠିକ୍ କିସମ ଓ ସଠିକ୍ ପରିମାଣର ଜାଆଁଳ ଛାଡିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାଧାରଣତଃ ପ୍ରାକୃତିକ ପରିବେଶରୁ କିମ୍ବା ଜାଆଁଳ ଉତ୍ପାଦନ କେନ୍ଦ୍ରରୁ ଚିଙ୍ଗୁଡିର ଜାଆଁଳ ସଂଗ୍ରହ କରି ପୋଖରୀରେ ଛଡାଯାଏ । ଜାଆଁଳ ଉତ୍ପାଦନ କେନ୍ଦ୍ରରୁ ଜାଆଁଳ ଆଣି ଚାଷ କରିବା ସର୍ବୋତ୍ତମ । ପ୍ରାକୃତିକ ପରିବେଶରୁ ମିଳୁଥିବା ଯାଆଁଳର ଆକାରରେ ବହୁ ତାରତମ୍ୟ ଦେଖାଯାଏ । ମାତ୍ର ଉତ୍ପାଦନ କେନ୍ଦ୍ରରୁ ସଂଗୃହିତ ଯାଆଁଳ ଏକ ପ୍ରକାର ହୋଇଥିବାରୁ ଏଥିରୁ ଭଲ ଅମଳ ମିଳିଥାଏ । ନିମ୍ନରେ ଉନ୍ନତ ମାନର ଚିଙ୍ଗୁଡି ଯାଆଁଳର କେତେକ ସ୍ୱଭାବ ଦିଆଗଲା ।

- ସୁସ୍ଥ ଯାଆଁଳ ପାତ୍ରର ଚାରିଆଡକୁ ଘୁରିବୁଲେ ।
- ସୁସ୍ଥ ଯାଆଁଳ କ୍ଷୀପ୍ର ଗତିରେ ଗତିକରେ । ପାତ୍ର ମଧ୍ୟରେ ବୁଲୁଥିବା ଅବସ୍ଥାରେ ପାତ୍ରର ବାହାର ପାଖରୁ ମୃଦୁ ଆଘାତ କଲେ ଯାଆଁଳ ଗତି ପରିବର୍ତ୍ତନ କରିଥାଏ ।
- ଅସୁସ୍ଥ ଯାଆଁଳ ବଙ୍କା ହୋଇ ସ୍ଥିରଭାବେ ରହିଥାଏ ।

- ଯାଆଁଳ ଛାଡିବା ସମୟରେ ସୁସ୍ଥ ଯାଆଁଳ ପୋଖରୀ ତଳଭାଗକୁ ଚାଲିଯାଏ ।

**ଚିଙ୍ଗୁଡି ଯାଆଁଳ ଚିହ୍ନିବା ପଦ୍ଧତି :**

- ସ୍କାମ୍ପି ଯାଆଁଳର ଶରୀର ସ୍ୱଚ୍ଛ, ଲମ୍ବାଳିଆ ଓ ସରୁ ହୋଇଥାଏ ।
- ଗୋଡ ଗୁଡିକ ଅପେକ୍ଷାକୃତ ବଡ ଓ ଶକ୍ତିଶାଳୀ
- ସ୍କାମ୍ପି ଚିଙ୍ଗୁଡି ଯାଆଁଳର ମୁଣ୍ଡ ଖୋଳପାର ଉଭୟ ପାର୍ଶ୍ୱରେ ୧-୫ ଟି କଳା ରଙ୍ଗର ଅନୁପ୍ରସ୍ଥ ରେଖା ଦେଖାଯାଏ ଓ ପେଟ ଖୋଳପାର ଉଭୟ ପାର୍ଶ୍ୱରେ ଧାଡିରେ ନିୟମିତ କଳା ବା ଖଇରିଆ ବିନ୍ଦୁ ଥାଏ ।
- ଏହି ଚିଙ୍ଗୁଡିର ମୁଣ୍ଡ କଣ୍ଟା ଏହାର ମୁଣ୍ଡ ଖୋଳପା ଅପେକ୍ଷା ବଡ ଓ ଉର୍ଦ୍ଧ୍ୱମୁଖୀ ହୋଇଥାଏ ।

**ଯାଆଁଳ ଛାଡିବା ପ୍ରଣାଳୀ**

ହ୍ୟାଚେରୀ ମାନଙ୍କରେ ଯାଆଁଳ ଗୁଡିକୁ ପଲିଥିନ୍ ମୁଣାରେ ଅମ୍ଳଜାନ ଦେଇ ଉପଯୁକ୍ତ ଭାବେ ପ୍ୟାକିଂ କରି ଦିଆଯାଏ । ଏହି ଯାଆଁଳ ଗୁଡିକୁ ପୋଖରୀରେ ଛାଡିବା ପୂର୍ବରୁ ଚାଷ ପୋଖରୀର ପରିବେଶ ସହିତ ଅଭ୍ୟସ୍ତ ହେବା ପାଇଁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ଉଚିତ୍ ।

- ଯାଆଁଳ ମୁଣାକୁ ନ ଖୋଲି ପୋଖରୀ ପାଣିରେ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଭସାଇ ରଖନ୍ତୁ । ଏହାଦ୍ୱାରା ମୁଣାରେ ଥିବା ପାଣି ଓ ବାହାର ପାଣିର ଉତ୍ତାପ ସମାନ ସ୍ତରକୁ ଆସିଥାଏ ।
- ମୁଣାରେ ଥିବା ଜଳର ପି.ଏଚ୍. ଓ ପୋଖରୀ ଜଳର ପି.ଏଚ୍. ର ସମାନତା ପାଇଁ ପୋଖରୀ ଜଳରୁ କିଛି କିଛି ମୁଣା ମଧ୍ୟରେ ମିଶାନ୍ତୁ । ଫଳରେ ଯାଆଁଳ ଗୁଡିକ ପୋଖରୀ ଜଳ ସହ ଅଭ୍ୟସ୍ତ ହୋଇଥାନ୍ତି ।
- ଧିରେ ଧିରେ ମୁଣାକୁ ପୋଖରୀ ଜଳରେ ଗୋଟିଏ ପାଖକୁ ଢଳାଇ ରଖି ଯାଆଁଳ ଗୁଡିକୁ ପୋଖରୀ ଜଳ ମଧ୍ୟରେ ପହଁରି ଯିବାକୁ ଦିଅନ୍ତୁ ।
- ଯାଆଁଳ ଗୁଡିକୁ ଗୋଟିଏ ଜାଗାରେ ନ ଛାଡି ସମାନ ଭାବରେ ପୋଖରୀର ଚତୁଃପାର୍ଶ୍ୱରେ ଛାଡନ୍ତୁ ।
- ସନ୍ଧ୍ୟା ପରେ ରାତି ସମୟରେ ଯାଆଁଳକୁ ପୋଖରୀରେ ଛାଡନ୍ତୁ । ଏହି ସମୟରେ

ଜଳର ଉତ୍ତାପ କମ୍ ଥାଏ ।

## ପାଳନ ପୋଖରୀ ପରିଚାଳନା

ନର୍ସରୀ ପୋଖରୀ ପ୍ରସ୍ତୁତି ପ୍ରଣାଳୀ ପରି ଚାଷ ପୋଖରୀ ପ୍ରାରମ୍ଭିକ ପ୍ରସ୍ତୁତି କରାଯାଇଥାଏ । ପାଣି ସବୁଜ ବା ବାଦାମୀ ରଙ୍ଗ ହେବା ପରେ ବଡ ଯାଆଁଳ (Juvenile) ଛଡାଯାଏ । ଯାଆଁଳର ହାରାହାରି ଓଜନ ଓ ସଂଖ୍ୟା ଗଣନା କରି ଚାଷ କରାଯାଉଥିବା ପୋଖରୀରେ ଛଡାଯାଏ । ଯାଆଁଳ ଛାଡିବା ପରେ ପୋଖରୀରେ ପରିପୁରକ ଖାଦ୍ୟ ଦିଆଯାଏ । ଏହାଛଡା ପ୍ରତି ୧୫ ଦିନ ବ୍ୟବଧାନରେ ଏକର ପ୍ରତି ୨୦ ରୁ ୨୫ କି.ଗ୍ରା. ଡୋଲମାଇଟ୍ ଓ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଅଦଳବଦଳ କରି ପକାଯାଏ । ଯାହାଦ୍ୱାରା ପୋଖରୀ ଜଳର ପି.ଏଚ୍. ଠିକ୍ ରହେ, ଚିଙ୍ଗୁଡି ଖୋଳପା ପାଇଁ ପର୍ଯ୍ୟାପ୍ତ କ୍ୟାଲସିୟମ ମିଳେ ଓ ପୋଖରୀରେ ପ୍ରାକୃତିକ ଖାଦ୍ୟ ସୃଷ୍ଟି ହେବାରେ ସହାୟକ ହୁଏ ।

## ପୋଖରୀରେ ପ୍ରୋବାୟୋଟିକ୍ ର ବ୍ୟବହାର

ଯାଆଁଳ ଛାଡିବା ପୂର୍ବରୁ ପୋଖରୀ ଜଳରେ କେତେକ ହିତକାରୀ ଜୀବାଣୁ ଯଥା ଲାକ୍ଟୋବାସିଲସ୍ ସାକାରୋମାଇସିସ୍ ପ୍ରଭୃତିର ବଂଶବୃଦ୍ଧି ପାଇଁ ସେମାନଙ୍କର ତରଳ କଲଚର ବା ବିଜକଣା ଗୁଣ୍ଡକୁ ଅନୁମୋଦିତ ହାରରେ ପକାଯାଏ । ଏଗୁଡିକ ଅନୁକୂଳ ପରିବେଶରେ ଦ୍ରୁତ ବଂଶବିସ୍ତାର କରିଥାନ୍ତି ଏବଂ ଅନ୍ୟ ହାନିକାରକ ଜୀବାଣୁ ର ବଂଶବିସ୍ତାର ବାଧାପ୍ରାପ୍ତ ହୋଇଥାଏ ।

## ଖାଦ୍ୟ ପରିଚାଳନା

ଅଧିକ ଚିଙ୍ଗୁଡି ଅମଳ ପାଇଁ ପ୍ରାକୃତିକ ଖାଦ୍ୟ ବ୍ୟତୀତ ପୋଖରୀରେ କୃତ୍ରିମ ପରିପୂରକ ଖାଦ୍ୟ ପ୍ରୟୋଗ କରିବା ନିତ୍ୟାନ୍ତ ଆବଶ୍ୟକ । ଖାଦ୍ୟର ଅଭାବରେ ଚିଙ୍ଗୁଡି ର ଉତ୍ପାଦନ ହ୍ରାସ ପାଇଥାଏ । ଚିଙ୍ଗୁଡି ବୃଦ୍ଧି ହାରକୁ ହିସାବକୁ ନେଇ ଚିଙ୍ଗୁଡି ଓଜନର ପ୍ରଥମ ମାସରେ ଦୈନିକ ୨୦ ରୁ ୨୫ ପ୍ରତିଶତରୁ ଆରମ୍ଭ କରି ଶେଷ ଭାଗରେ ୨ ରୁ ୩ ପ୍ରତିଶତ ଖାଦ୍ୟ ପ୍ରୟୋଗ କରାଯାଏ । କମ୍ପାନିମାନଙ୍କ ଦ୍ୱାରା ପ୍ରସ୍ତୁତ ପାଲେଟେଡ୍ ଖାଦ୍ୟକୁ ସେମାନଙ୍କ ଦ୍ୱାରା ଅନୁମୋଦିତ ହାରରେ ପୋଖରୀରେ ଥିବା ଚିଙ୍ଗୁଡିର ପରିମାଣକୁ ହିସାବକୁ ନେଇ ଦିଆଯାଏ । ଚିଙ୍ଗୁଡି ଏକ ରାତ୍ରିଚର ଜୀବ ହୋଇଥିବାରୁ ଦୈନିକ ଖାଦ୍ୟର ୬୦ ଭାଗ ରାତ୍ର ସମୟରେ ଓ ଅବଶିଷ୍ଟ ୪୦ ଭାଗକୁ ଦିନରେ ୨ ଥର ପ୍ରୟୋଗ କରାଯାଏ ।

ଚିଙ୍ଗୁଡି ଏକ ମାଂସାଶୀ ଜୀବ ହୋଇଥିବାରୁ ଗେଣ୍ଡା, ଶାମୁକା ଇତ୍ୟାଦି ଛେଚି ତାର ମାଂସ ଓ ବାଦାମ ପିଡିଆ ସହ କାଣ୍ଡିଆ କୁଣ୍ଡା, ଶୁଖୁଆ ଗୁଣ୍ଡ ଇତ୍ୟାଦି ଦିଆଯାଇପାରେ । ଏହାଛଡା କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ ଭିଟାମିନ୍ ଯୁକ୍ତ ସୁଷମ ଖାଦ୍ୟ ନିର୍ମାତାଙ୍କ ଅନୁମୋଦିତ ହାରରେ ଦିଆଯାଇଥାଏ । ସୁଷମ ଖାଦ୍ୟରେ ବିଭିନ୍ନ ଖାଦ୍ୟସାର ସନ୍ତୁଳିତ ଥାଏ ଯାହାକି ଚିଙ୍ଗୁଡି ଶରୀରର ଅଭିବୃଦ୍ଧିରେ ସାହାଯ୍ୟ କରେ । ଏପରି ଖାଦ୍ୟରେ ଶତକଡା ୩୦ ରୁ ୩୫ ଭାଗ ପୁଷ୍ଟିସାର, ୫ ରୁ ୧୦ ପ୍ରତିଶତ ଚର୍ବି ଜାତୀୟ, ୧୦ ରୁ କମ୍ ଭାଗ ତନ୍ତୁ ଜାତୀୟ ଏବଂ ଭିଟାମିନ୍ ଓ ଖଣିଜ ଲବଣ ଆବଶ୍ୟକ ଅନୁପାତରେ ମିଶିଥାଏ । ପାଲେଟେଡ୍ ଖାଦ୍ୟର ପ୍ରୟୋଗ ସାଧାରଣତଃ ପୋଖରୀର ଚାରିକଡରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିଦିନ ଦିଆଯାଏ । ଚିଙ୍ଗୁଡି ମାନେ କିଭଳି ଭାବେ ଖାଦ୍ୟ ଗ୍ରହଣ କରୁଛନ୍ତି ତାହା ଜାଣିବା ପାଇଁ ପୋଖରୀ ମଧ୍ୟରେ ଚେକ୍ ଟ୍ରେ ଏକରକୁ ୪ଟି ରଖିବା ଆବଶ୍ୟକ । ଖାଦ୍ୟକୁ ସର୍ବଦା ପରିଷ୍କାର ଜାଗାରେ ରଖିବା ଦରକାର ଫିମ୍ପିଯୁକ୍ତ ଖାଦ୍ୟକୁ ଚିଙ୍ଗୁଡିମାନଙ୍କୁ ଦେବା ଉଚିତ୍ ନୁହେଁ । ଶୀତ ଦିନେ ଚିଙ୍ଗୁଡି କମ୍ ଖାଉଥିବାରୁ ଏହି ସମୟରେ ଖାଦ୍ୟର ପରିମାଣ କମ୍ କରିବା ଆବଶ୍ୟକ ।

ପ୍ରତି ମାସରେ ଥରେ ଚିଙ୍ଗୁଡିର ହାରାହାରି ଓଜନ ନିର୍ଣ୍ଣୟ କରି ଆନୁପାତିକ ହାରରେ ଖାଦ୍ୟ ଦିଆଯାଏ । ଏଥିପାଇଁ ପୋଖରୀର ବିଭିନ୍ନ ଜାଗାରୁ ଫିଙ୍ଗାଜାଲ ସାହାଯ୍ୟରେ ପ୍ରାୟ ୫୦ ଗୋଟି ଚିଙ୍ଗୁଡି ଧରି ହାରାହାରି ଓଜନ ଆକଳନ କରିବାକୁ ହୋଇଥାଏ । ଖାଦ୍ୟର ଅପଚୟ ରୋକାଯାଇ ପାରିଲେ ଖର୍ଚ୍ଚ ଅନେକାଂଶରେ କମିଯାଇଥାଏ । କାରଣ ଚିଙ୍ଗୁଡି ଚାଷରେ ସମୁଦାୟ ଖର୍ଚ୍ଚର ପ୍ରାୟ ୬୦ ଭାଗ ଖର୍ଚ୍ଚ ଖାଦ୍ୟବାବଦକୁ ହୋଇଥାଏ । ଚିଙ୍ଗୁଡିର ଶାରୀରିକ ବୃଦ୍ଧିର ବିଭିନ୍ନ ଅବସ୍ଥାରେ ମଧ୍ୟ ଖାଦ୍ୟ ପ୍ରୟୋଗର ମାତ୍ରା ଓ ସମୟ ବଢିଥାଏ । ଖାଦ୍ୟର ପରିମାଣ ଚିଙ୍ଗୁଡି ବଞ୍ଚିବା ହାର, ହାରାହାରି ଓଜନ ଓ ଖାଦ୍ୟ ପ୍ରୟୋଗର ମାତ୍ରା ଉପରେ ନିର୍ଭରଶୀଳ । ପୋଖରୀ ଜଳ ପ୍ରଦୂଷିତ ହେଲେ ଓ ଜଳର ଗୁଣବତ୍ତା ବଜାୟ ନ ରହିଲେ କିମ୍ବା ଚିଙ୍ଗୁଡି ଖୋଳପା ଛଡାଉଥିବା ସମୟରେ ଖାଦ୍ୟ ଖାଇବା କମିଯାଏ ।

## ପୋଖରୀ ମଧ୍ୟରେ କୃତ୍ରିମ ଆଶ୍ରୟସ୍ଥଳୀ ଓ ଜଳ ପରିଚାଳନା :

ଚିଙ୍ଗୁଡି ମାନେ ଖୋଳପା ଛଡାଇ ବଢିଥାନ୍ତି । ଏହି ସମୟରେ ଏମାନଙ୍କ ଦେହ ନରମ ଥାଏ ଓ ଶରୀର ବିଶେଷ କ୍ରିୟାଶୀଳ ନଥାଏ । ଏଣୁ ଏମାନେ ବାହ୍ୟ ଶତ୍ରୁମାନଙ୍କର ଶୀକାର ହୋଇଥାନ୍ତି । ଏହାଛଡା ଅନ୍ୟ ଖୋଳପା ନ ଛାଡିଥିବା ଚିଙ୍ଗୁଡି

ମଧ୍ୟ ଏମାନଙ୍କୁ ଖାଇଥାନ୍ତି । ଏହି ସମୟରେ ଶତ୍ରୁ କବଳରୁ ଲୁଚି ରହିବା ପାଇଁ ଏକ ନିରାପଦ ଆଶ୍ରୟ ସ୍ଥଳ ଆବଶ୍ୟକ ହୋଇଥାଏ । ସେଥିପାଇଁ ପୋଖରୀରେ ଭଙ୍ଗା ମାଠିଆ, ଟାଇଲ୍, ପୁରୁଣା ଟାୟାର୍, ଆଜ୍‌ବେଷ୍ଟସ୍ ଖଣ୍ଡ, ପ୍ଲାଷ୍ଟିକ ପାଇପ୍ ଇତ୍ୟାଦି ପକାଇବାକୁ ପଡେ । ଏଗୁଡିକର ଅଭାବରେ ବଡ ଚିଙ୍ଗୁଡି ଛୋଟ ଖୋଳପା ଛାଡିଥିବା ନରମ ଚିଙ୍ଗୁଡିକୁ ଖାଇଦିଏ ଯାହାଦ୍ୱାରା କି ଚିଙ୍ଗୁଡିର ବଞ୍ଚିବା ହାର ଓ ଉତ୍ପାଦନ କମିଯାଏ ।

ପୋଖରୀ ତଳ ଅଂଶକୁ ପ୍ରଦୂଷଣ ମୁକ୍ତ ରଖିପାରିଲେ ଚିଙ୍ଗୁଡିମାନେ ଉପଯୁକ୍ତ ଭାବେ ଖାଦ୍ୟ ଗ୍ରହଣ କରିଥାନ୍ତି ଓ ପର୍ଯ୍ୟାପ୍ତ ଅମ୍ଳଜାନ ମଧ୍ୟ ପାଇଥାନ୍ତି । ଏଣୁ ପୋଖରୀର ପୁରୁଣା ପାଣି ବାହାର କରି ନୂଆ ପାଣି ଭର୍ତ୍ତି କରିବା ଦରକାର । ଚିଙ୍ଗୁଡି ହାରାହାରି ୨୦ ରୁ ୨୫ ଗ୍ରାମ୍ ହୋଇଯିବା ପରେ ସମୁଦାୟ ଜଳର ୩୦ ଭାଗ ବାହାର କରି ନୂଆ ପାଣି ଭର୍ତ୍ତି କଲେ ସୁଫଳ ମିଳିଥାଏ । ଏହାଦ୍ୱାରା ପୋଖରୀ ନିମ୍ନ ସ୍ତରରୁ ବିଷାକ୍ତ ଗ୍ୟାସ୍ ଓ ମଇଳା ନିଷ୍କାସନ ହୋଇଯାଏ ଏବଂ ଚିଙ୍ଗୁଡି ସୁସ୍ଥ ସବଳ ରହେ ।

**ଚିଙ୍ଗୁଡି ସ୍ୱାସ୍ଥ୍ୟ ପରିଚାଳନା –**

ଚିଙ୍ଗୁଡିର ବୃଦ୍ଧି ପାଇଁ ଏକ ସୁସ୍ଥ ପରିବେଶ ନିତ୍ୟାନ୍ତ ଆବଶ୍ୟକ । ପାରିପାର୍ଶ୍ୱିକ ପ୍ରତିକୂଳ ଅବସ୍ଥା ଚିଙ୍ଗୁଡି ଚାଷରେ କ୍ଷତି ଘଟାଏ । ଖାଦ୍ୟ ପୃଷ୍ଟିହୀନତା ମଧ୍ୟ ଚିଙ୍ଗୁଡି ବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରିଥାଏ । ଚିଙ୍ଗୁଡିର ଶାରୀରିକ କ୍ଷତ, ଶରୀରର ରଙ୍ଗ ପରିବର୍ତ୍ତନ, ଦେହରେ ଦାଗ ଦେଖାଯିବା, ଅସ୍ୱାଭାବିକ ସନ୍ତରଣ ଓ ଖାଦ୍ୟ ଗ୍ରହଣ କମିଯିବା ଆଦି ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରତିକାର କରିବା ଦରକାର । ଉପରୋକ୍ତ ଲକ୍ଷଣ ଗୁଡିକ ରୋଗ ଗ୍ରସ୍ଥ ଚିଙ୍ଗୁଡି ଠାରେ ଦେଖାଦେଇଥାଏ । ଅନେକ ସମୟରେ ମଧ୍ୟ ଚିଙ୍ଗୁଡି ପୋଖରୀ କଡରେ ନିସ୍ତେଜ ଅବସ୍ଥାରେ ପଡି ରହିଥାନ୍ତି । ଏହି ସମୟରେ ପୋଖରୀ ପରିବେଶକୁ ନିରୀକ୍ଷଣ କରିବା ଦରକାର ।

ଫିଙ୍ଗା ଜାଲ ବ୍ୟବହାର କରି ସୁସ୍ଥ ଚିଙ୍ଗୁଡିକୁ ପୋଖରୀ ମଧ୍ୟରୁ ବାହାର କରି ନିରୀକ୍ଷଣ କରିବା ଦରକାର । ଏହି ସମୟରେ ଚିଙ୍ଗୁଡି ଦେହର ରଙ୍ଗ, ଦାଗ ଇତ୍ୟାଦି ପରୀକ୍ଷା କରିବା ଉଚିତ୍ । ଚିଙ୍ଗୁଡି ଚାଷ ପାଇଁ ସୁସ୍ଥ ପରିବେଶ ବଜାୟ ରଖିବାକୁ ହେଲେ ଜଳ ଗୁଣର ବିଶେଷ ହ୍ରାସ, ଅତ୍ୟଧିକ ଯାଆଁଳ, ଉତ୍ତମ ଖାଦ୍ୟର ଅଭାବ, ଖାଦ୍ୟର ଅପ ପ୍ରୟୋଗ ଭଳି ଅସ୍ୱସ୍ଥିକର ପରିସ୍ଥିତିର ନିୟନ୍ତ୍ରଣ ତଥା ଉପଯୁକ୍ତ ଜଳ

ପରିବର୍ତ୍ତନ ଓ ବାୟୁର ସଂଚାଳନ ଦ୍ୱାରା ଜଳ ଗୁଣର ସଂରକ୍ଷଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଏ । ଚିଙ୍ଗୁଡି ଚାଷରେ ବୀଜାଣୁ ଜନିତ ଗାଲି, କଳା ପଡିବା ଓ ଶାରୀରିକ କ୍ଷତ ଦେଖିବାକୁ ମିଳେ । ଏହାର ପ୍ରତିଷେଧ ବ୍ୟବସ୍ଥା ପାଇଁ ପୋଖରୀର ତଳ ଭାଗ ଶୁଖାଇବା, ଚୂନ ଓ ବ୍ଲିଚିଂ ପାଉଡର ପ୍ରୟୋଗ, ବିଶୁଦ୍ଧ ଜଳ, ସୁଷମ ଖାଦ୍ୟର ପ୍ରୟୋଗ ଓ ପୋଖରୀ ସୁପରିଚାଳନା ଅବଲମ୍ବନ କରିବାକୁ ପଡିଥାଏ । ପୋଖରୀ ମଧ୍ୟରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ୫ ପି.ପି.ଏମ୍ ରୁ କମ୍ ହେଲେ ପୋଖରୀ ପାଣିକୁ ପମ୍ପ ସାହାଯ୍ୟରେ ବିଚ୍ଛୁରିତ କରି ପକାଇବା ଦରକାର । ସାଧାରଣତଃ ସକାଳ ସମୟରେ, ମେଘୁଆ ପାଗରେ ପୋଖରୀରେ ଅମ୍ଳଜାନର ପରିମାଣ କମ୍ ଥାଏ । ପାଣିର ଗଭୀରତା ଯେପରି ୪ ଫୁଟ୍ ରୁ କମ୍ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ଦରକାର ।

**ଚିଙ୍ଗୁଡି ଅମଳ ଓ ସଂରକ୍ଷଣ :**

ଚିଙ୍ଗୁଡି ପ୍ରାୟ ୬ ରୁ ୭ ମାସ ପାଳନ କଲାପରେ ଅମଳ ଯୋଗ୍ୟ ହୋଇଥାଏ । ଚିଙ୍ଗୁଡିର ଓଜନ ୫୦ ଗ୍ରାମ୍ ରୁ ଉର୍ଦ୍ଧ୍ୱ ହୋଇଥିଲେ ଭଲ ବଜାର ଚାହିଦା ରହିଥାଏ । ତେଣୁ ୬ ମାସ ପରେ ଟଣାଜାଲ ପକାଇ ୫୦ ଗ୍ରାମ୍ ରୁ ଉର୍ଦ୍ଧ୍ୱ ଚିଙ୍ଗୁଡିକୁ ଧରି ବିକ୍ରୀ କରିଦେବା ଦରକାର । ପୋଖରୀରେ ଅଣ୍ଡା ଧରିଥିବା ମାଇ ଚିଙ୍ଗୁଡିକୁ ମଧ୍ୟ ବିକ୍ରୀ କରିଦେବା ଆବଶ୍ୟକ କାରଣ ଏମାନେ ଆଉ ପ୍ରାୟତଃ ବଢି ନଥାନ୍ତି । ଏହାଦ୍ୱାରା ଅପେକ୍ଷାକୃତ ଛୋଟ ଚିଙ୍ଗୁଡି ମାନଙ୍କର ବୃଦ୍ଧି ସହଜ ହୋଇଥାଏ । ସମ୍ପୂର୍ଣ୍ଣ ଅମଳ କରିବା ପାଇଁ ପୋଖରୀ ଶୁଖାଇବା ଦରକାର ପଡେ । ଏଥିପାଇଁ ପୋଖରୀ ପାଣିକୁ ପମ୍ପ ସାହାଯ୍ୟରେ କିମ୍ବା ହୁଡା କାଟି ଜାଲି ଲଗାଇ ନିଷ୍କାସନ କରାଯାଏ । ପୋଖରୀରୁ ପାଣି ବାହାରିଗଲା ପରେ ପୋଖରୀ ମଧ୍ୟକୁ ଯାଇ ଚିଙ୍ଗୁଡି ମାନଙ୍କୁ ହାତରେ ବାହାର କରିବାକୁ ହୁଏ । ଚିଙ୍ଗୁଡିର ଉପଯୁକ୍ତ ବଜାର ମୂଲ୍ୟ ପାଇବାକୁ ହେଲେ ଅମଳ ପୂର୍ବରୁ ବେପାରୀ ମାନଙ୍କ ସହିତ ଯୋଗାଯୋଗ କରି ନିଶ୍ଚିତ ହେବା ଦରକାର । ପରିଷ୍କାର ପରିଚ୍ଛନ୍ନତା, ଉପଯୁକ୍ତ ଯତ୍ନ ଓ ବରଫ ବ୍ୟବହାର କରିବା ଦ୍ୱାରା ଚିଙ୍ଗୁଡି ତଟକା ରହିଥାଏ । ଚିଙ୍ଗୁଡି ଯେତେ ତଟକା ରହିବ ଓ ତାର ଖୋଳପା ଟାଣ ରହିବ ଚାଷୀ ଉପଯୁକ୍ତ ମୂଲ୍ୟ ପାଇପାରିବ । ସେଥିପାଇଁ ଚିଙ୍ଗୁଡି ମାନଙ୍କୁ ଧରି ପରିଷ୍କାର ପ୍ଲାଷ୍ଟିକ୍ ଟ୍ରେରେ ବରଫ ଦେଇ ରଖିବା ଆବଶ୍ୟକ । ପ୍ରତି ୨ କି.ଗ୍ରା. ଚିଙ୍ଗୁଡି ପାଇଁ ୧ କି.ଗ୍ରା. ବରଫ ଗୁଣ୍ଡ ଦେବା ଆବଶ୍ୟକ । ଚିଙ୍ଗୁଡିମାନେ ଟ୍ରେ ମଧ୍ୟରେ ଯେପରି ଚାପି ହୋଇ ନଷ୍ଟ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ।

**ଚିଙ୍ଗୁଡି ଚାଷ ପାଇଁ ବିଶେଷ ସତର୍କତା :**

୧. ପୋଖରୀର ପ୍ରାରମ୍ଭିକ ପ୍ରସ୍ତୁତି ଠିକ୍ ଭାବେ କରନ୍ତୁ ।

୨. ପୋଖରୀରେ ଅଧିକ ପରିମାଣର ଚିଙ୍ଗୁଡି ଯାଆଁଳ ଛାଡନ୍ତୁ ନାହିଁ ।

୩. ଜଳର ଉତ୍ତାପ ଚିଙ୍ଗୁଡି ବୃଦ୍ଧିରେ ସାହାଯକ ହୋଇଥାଏ । ଉତ୍ତାପ ୨୬° ରୁ ୩୨° ସେଣ୍ଟିଗ୍ରେଡ୍ ଅନୁକୂଳ ଅଟେ ।

୪. ଚାଷ ସମୟରରେ ଦ୍ରବୀଭୂତ ଅମ୍ଳଜାନର ମାତ୍ରା ଯଥେଷ୍ଟ ରହିବା ଦରକାର । ଅତ୍ୟଧିକ ଖାଦ୍ୟ ପ୍ରୟୋଗ, ମେଘୁଆ ପାଗ, ଅତ୍ୟଧିକ ପ୍ଲାଙ୍କ୍ଟନ୍ ସୃଷ୍ଟି ଦ୍ରବୀଭୂତ ଅମ୍ଳଜାନ କମାଇଦେଇଥାଏ । ଚିଙ୍ଗୁଡି ସକାଳୁ ସକାଳୁ କୂଳରେ ଲାଗିଲେ ସାଧାରଣତଃ ଅମ୍ଳଜାନର ପରିମାଣ କମ୍ ଥିବା ଜଣାପଡେ । ପାଣିକୁ ବାଡେଇବା ଦ୍ୱାରା, ପମ୍ପ ଲଗାଇ ପୋଖରୀ ପାଣିକୁ ବିଚ୍ଛୁରିତ କରି ପକାଇ ଓ ଜଳ ପରିବର୍ତ୍ତନ କରି ଏହାର ସମାଧାନ କରିହୁଏ । ଏଥିପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ ।

୫. ପୋଖରୀରେ ନିୟମିତ ଚୂନ ଆବଶ୍ୟକୀୟ ଅନୁସାରେ ପ୍ରୟୋଗ କରନ୍ତୁ ।

୬. ଅତ୍ୟଧିକ ଅମ୍ଳତ୍ୱ ଓ କ୍ଷାରତ୍ୱ ଚିଙ୍ଗୁଡିର ବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରେ । ଏଣୁ ଜଳର ପି.ଏଚ୍. ୭ ରୁ ୮.୫ ମଧ୍ୟରେ ରଖିବା ଦରକାର ।

୭. ପୋଖରୀ ଜଳର ଗଭୀରତା ୪ ରୁ ୫ ଫୁଟ ମଧ୍ୟରେ ରହିବା ଦରକାର ।

୮. ଚାଷ ସମୟରେ ୨ ରୁ ୩ ଥର ଏକ ତୃତୀୟାଂଶ ଜଳ ପରିବର୍ତ୍ତନ କଲେ ଚିଙ୍ଗୁଡି ଭଲ ବଢିଥାନ୍ତି ।

୯. ପାଣି ଦୁର୍ଗନ୍ଧ ବା ନେଳି ହେଉଥିଲେ ଏକର ପ୍ରତି ୨୫ ରୁ ୩୦ କି.ଗ୍ରା ଜିଓଲାଇଟ୍ ପ୍ରୟୋଗ କରନ୍ତୁ ।

୧୦. ପୋଖରୀରେ ନିଶ୍ଚିତ ଭାବରେ ଆଶ୍ରୟ ସ୍ଥଳର ବ୍ୟବସ୍ଥା କରନ୍ତୁ ।

୧୧. ଚିଙ୍ଗୁଡି ପାଇଁ ସର୍ବଦା ଉତ୍ତମ ମାନର ଖାଦ୍ୟ ବ୍ୟବହାର କରନ୍ତୁ ।

୧୨. ଏକକ ଚାଷ ଓ ମିଶ୍ରିତ ଚାଷରେ ପ୍ରତି ୧୫ ଦିନରେ ଥରେ ଫିଙ୍ଗାଜାଲ ପକାଇ ଚିଙ୍ଗୁଡିର ସ୍ୱାସ୍ଥ୍ୟ ପରୀକ୍ଷା କରିନିଅନ୍ତୁ ।

ଉପରୋକ୍ତ ଉପାୟରେ ଚାଷ କରିବା ଦ୍ୱାରା ସ୍କାମ୍ପି ଚିଙ୍ଗୁଡି ୮ ମାସରେ ହେକ୍ଟର ପ୍ରତି ୮୦୦ ରୁ ୧୦୦୦ କି.ଗ୍ରା. ପର୍ଯ୍ୟନ୍ତ ଉତ୍ପାଦନ କରାଯାଇଥାଏ ।

* * *











**KRISHI VIGYAN KENDRA, PURI**

Design & Printed : Saikrupa Graphics, BBSR, Mob. : 9437177775